ଭାରତ ସଂଘ ଏବଂ ଅନ୍ୟମାନେ

ବନାମ

ଶ୍ରୀମତୀ ଭି.ପି. ପାରୁକୁଟ୍ଟି

ନଭେମ୍ବର 29, 1996

[କେ. ରାମାସ୍ୱାମୀ ଏବଂ ଜି.ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜାତୀୟ ସଞ୍ଚୟ ଯୋଜନା – ମହିଳା ପ୍ରଧାନ କ୍ଷେତ୍ରୀୟ ବଚତ ଯୋଜନା – ପ୍ରତିନିଧିମାନଙ୍କ ନିଯୁକ୍ତି – ସରକାରୀ ନିର୍ଦ୍ଦେଶ ଯେ, କୌଣସି ନିକଟ ସମ୍ପର୍କୀୟଙ୍କୁ ଡାକପାଳଙ୍କ ଦ୍ୱାରା ପ୍ରତିନିଧି ଭାବେ ନିଯୁକ୍ତ କରାଯିବା ଉଚିତ ନୁହେଁ – ଉତ୍ତରଦାତା ପ୍ରତିନିଧି ଭାବେ ନିଯୁକ୍ତ ହୋଇଥିଲେ – ତାଙ୍କ ପ୍ରତିନିଧିତ୍ୱକୁ ଏହି ଆଧାରରେ ସମାପ୍ତ କରିଦିଆଗଲା ଯେ, ସେ ଡାକଘରେ କାମ କରୁଥିବା ଜଣେ କର୍ମଚାରୀଙ୍କ ଭାଇ ଥିଲେ – ପ୍ରତିନିଧିତ୍ୱର ବରଖାସ୍ତକୁ ଉଚ୍ଚ ନ୍ୟାୟାଳୟଙ୍କର ଜଣେ ଏକକ ବିଚାରପତିଙ୍କ ସମ୍ମୁଖରେ ଅସଫଳ ଭାବେ ଆପତ୍ତି କରାଯାଇଛି – ଅପିଲରେ ଖଣ୍ଡପୀଠ କହିଛନ୍ତି ଯେ, ବିଭାଗରେ କେବଳ ନିକଟ ସମ୍ପର୍କୀୟଙ୍କର ଉପସ୍ଥିତି ପ୍ରତିନିଧିତ୍ୱକୁ ସମାପ୍ତ କରିବା ପାଇଁ ଯଥେଷ୍ଟ ନୁହେଁ – ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ – ଦର୍ଶାଯାଇଛି, ଖଣ୍ଡପୀଠ ଦ୍ୱାରା ନିଆଯାଇଥିବା ମତ ସଠିକ ନଥିଲା – ତଥାପି, ଯେହେତୁ ଉତ୍ତରଦାତା 1976 ମସିହାରୁ ହିଁ କାର୍ଯ୍ୟ କରୁଛନ୍ତି ଏବଂ ଯେହେତୁ ଉକ୍ତ ନିର୍ଦ୍ଦେଶାବଳୀର ବିଚ୍ୟୁତିକୁ ପ୍ରତିଷ୍ଠିତ କରୁଥିବା କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ସ୍ପଷ୍ଟ ଅନୁସନ୍ଧାନ ଲିପିବଦ୍ଧ କରାଯାଇ ନାହିଁ, ଏହା ହସ୍ତକ୍ଷେପକୁ ସୁନିଶ୍ଚିତ କରୁଥିବା ମାମଲା ନୁହେଁ – ଉତ୍ତରଦାତାଙ୍କ ନିଯୁକ୍ତିକୁ ବ୍ୟାହତ କରାଯିବା ଉଚିତ ନୁହେଁ ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 15605/1996 ।

ଓ.ପି. ସଂଖ୍ୟା 8428/1984ରେ କେରଳ ଉଚ୍ଚ ନ୍ୟାୟାଳୟଙ୍କର 22.7.88 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଆର୍. ମୋହନ, ଏସ୍. ୱସିମ ଏ. କାଦରୀ ଏବଂ ସି.ଭି.ଏସ୍. ରାଓ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

ଅନୁମତି ପ୍ରଦାନ କରାଗଲା ।

ଏହି ଅପିଲ ବିଜ୍ଞ ଏକକ ବିଚାରପତିଙ୍କ ରାୟକୁ ପ୍ରତ୍ୟାହାର କରି 30.11.1990ରେ କରାଯାଇଥିବା ସ୍ୱତନ୍ତ୍ର ଅନୁମତି ଦ୍ୱାରା ରିଟ୍ ଅପିଲ ସଂଖ୍ୟା 767/88ରେ କେରଳ ଉଚ୍ଚ ନ୍ୟାୟାଳୟଙ୍କର ଖଣ୍ଡପୀଠର ଦେଇଥିବା ରାୟରୁ ଉତ୍ପନ୍ନ ହୋଇଛି ।

ସ୍ୱୀକୃତ ସ୍ଥିତି ହେଉଛି ଯେ, 7 ଅଗଷ୍ଟ, 1976ରେ ଆଦେଶ ଅନୁଯାୟୀ ମହିଳା ପ୍ରଧାନ କ୍ଷେତ୍ରୀୟ ସଞ୍ଚୟ ଯୋଜନା ନାମକ ଜାତୀୟ ସଞ୍ଚୟ ଯୋଜନାରେ ଜଣେ ପ୍ରତିନିଧି ଭାବରେ ଉତ୍ତରଦାତା ନିଯୁକ୍ତ ହୋଇଥିଲେ, ଯାହା ଅଧୀନରେ ଉତ୍ତରଦାତା ଜଣେ ପ୍ରତିନିଧି ଭାବରେ କାର୍ଯ୍ୟ କରୁଥିଲେ । ପ୍ରତିନିଧିତ୍ୱକୁ 2.8.1994 ତାରିଖର ଆଦେଶ ଦ୍ୱାରା ଏହି ଆଧାରରେ ସମାପ୍ତ କରାଯାଇଥିଲା ଯେ, ଉତ୍ତରଦାତା ଡାକଘରେ କାର୍ଯ୍ୟ କରୁଥିବା କର୍ମଚାରୀ (ଭାଇ)ଙ୍କ ନିକଟ ସମ୍ପର୍କୀୟ ଅଟନ୍ତି ଏବଂ ତେଣୁ, ପ୍ରତିନିଧିତ୍ୱ ବୈଧ ଭାବରେ ସୃଷ୍ଟି ହୋଇନଥିଲା । ଉତ୍ତରଦାତା ସେହି ଆଦେଶକୁ ଏବଂ 5.12.1982ର ପରିପତ୍ରକୁ ମଧ୍ୟ ଯାହା ଆଧାରରେ ଉକ୍ତ ଆଦେଶ ପାରିତ ହୋଇଥିଲା, ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରି ଆପତ୍ତି କରିଥିଲେ । ଏହି ପରିପତ୍ରକୁ ଏହି ଆଧାରରେ ଆପତ୍ତି କରାଯାଇଥିଲା ଯେ,

ଏହା ଭେଦଭାବପୂର୍ଣ୍ଣ ଏବଂ ମନମୁଖୀ ଥିଲା । ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ, ଏହି ପରିପତ୍ର ଭେଦଭାବପୂର୍ଣ୍ଣ ଏବଂ ମନମୁଖୀ ନଥିଲା । ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ, ଏହି ପରିପତ୍ର ଭେଦଭାବପୂର୍ଣ୍ଣ କିମ୍ବା ମନମୁଖୀ ନଥିଲା ଏବଂ ତେଣୁ ରିଟ୍ ଆବେଦନକୁ ଖାରଜ କରିଦେଲେ । ବିଜ୍ଞ ଏକକ ବିଚାରପତିଙ୍କ ଦ୍ୱାରା ପାରିତ ଆଦେଶରେ ବ୍ୟଥିତ ହୋଇ, ଉତ୍ତରଦାତା ଉଚ୍ଚ ନ୍ୟାୟାଳୟରେ ଏକ ଅପିଲ ଦାଖଲ କରିଥିଲେ । ଖଣ୍ଡପୀଠ ଅପିଲକୁ ମଞ୍ଜୁର କରିଥିଲେ । ଆମର ସ୍ପଷ୍ଟ ମତ ହେଉଛି ଯେ, ଖଣ୍ଡପୀଠ ଦ୍ୱାରା ନିଆଯାଇଥିବା ମତ ଯେ, ବିଭାଗରେ କେବଳ ନିକଟ ସମ୍ପର୍କୀୟଙ୍କ ଉପସ୍ଥିତି ପ୍ରତିନିଧିତ୍ୱକୁ ସମାପ୍ତ କରିବା ପାଇଁ ଯଥେଷ୍ଟ ନୁହେଁ, ଯଥାର୍ଥ ନୁହେଁ, ଯେହେତୁ ସରକାରଙ୍କ ସ୍ପଷ୍ଟ ନୀତି ଏବଂ ସରକାରଙ୍କ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ଯେ, କୌଣସି ନିକଟ ସମ୍ପର୍କୀୟ, ଯଥା, ବୈଧ ସନ୍ତାନ, କିମ୍ବା ସାବତ ପିଲା, ପିତା/ସାବତ ବାପା, ମା/ସାବତ ମା, ସ୍ୱାମୀ, ଭାଇ/ସାବତ ଭାଇ, ଭଉଣୀ/ସାବତ ଭଉଣୀ, ଶ୍ୱଶୁର, ଶାଶୁ, ଭିଣୋଇ, ଭାଉଜ, ଜ୍ୱାଇଁ, ବୋହୂ ଯୋଜନା ଅଧୀନରେ ବ୍ୟାଖ୍ୟା ଅନୁଯାୟୀ, ଡାକପାଳଙ୍କ ଦ୍ୱାରା କାର୍ଯ୍ୟସ୍ଥଳରେ ପ୍ରତିନିଧି ଭାବରେ ନିଯୁକ୍ତ ହେବା ଉଚିତ ନୁହେଁ । କିନ୍ତୁ ଯେହେତୁ ଉତ୍ତରଦାତା 1976 ମସିହାରୁ କାର୍ଯ୍ୟ କରିଆସୁଛନ୍ତି ଏବଂ ଉକ୍ତ ନିର୍ଦ୍ଦେଶାବଳୀର ବିଚ୍ୟୁତିକୁ ପ୍ରତିଷ୍ଠିତ କରୁଥିବା କୌଣସି ସ୍ପଷ୍ଟ ଅନୁସନ୍ଧାନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଲିପିବଦ୍ଧ କରାଯାଇ ନାହିଁ, ଆମେ ଭାବୁନାହୁଁ ଯେ, ଏହା ହସ୍ତକ୍ଷେପକୁ ସମର୍ଥନ କରୁଥିବା ଏକ ମାମଲା ଅଟେ । ଡାକପାଳଙ୍କୁ ଅନ୍ୟ କୌଣସି ସ୍ଥାନକୁ ସ୍ଥାନାନ୍ତର କରିବା ଅପିଲକାରୀଙ୍କ ପାଇଁ ଉନ୍ମୁକ୍ତ ରହିବ । ଯଦିଓ ଆମେ ଦେଖୁଛୁ ଯେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ସଠିକ ନୁହେଁ, ଏହି ମାମଲାର ସ୍ୱତନ୍ତ୍ର ତଥ୍ୟକୁ ଦୃଷ୍ଟିରେ ରଖି, ଉତ୍ତରଦାତାଙ୍କ ନିଯୁକ୍ତିରେ କୌଣସି ବାଧା ନାହିଁ ।

ତଦନୁସାରେ ଅପିଲର ପରିସମାପ୍ତି କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ. ଅପିଲ ପରିସମାପ୍ତି କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦକ
ସତ୍ୟରଞ୍ଜନ ସାମଲ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ